# ODM PUBLIC SCHOOL

**SESSION : 10**
**CLASS : V**
**SUBJECT : ଓଡିଆ**
**CHAPTER NUMBER: 03**
**CHAPTER NAME : ଶୁଖିଲା ପତ୍ରର କଥା**
**SUBTOPIC : ଶବ୍ଦାର୍ଥ ,ବାକ୍ୟଗଠନ**

CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

# LEARNING OBJECTIVE

ସୃଷ୍ଟିକର୍ତ୍ତାଙ୍କ ବିଚିତ୍ର ସୃଷ୍ଟି ବିଷୟରେ ଜାଣିବା  ।

ODM PUBLIC SCHOOL

# ଶୃଖ୍ଳା ପତ୍ରର କଥା ।

ଏ ସବୁ ଘଟଣା ଦେଖି ତୁଷାର ଓ ଶିଶିର ଆଉ ଆଗକୁ ଯିବାକୁ ମନ ବଳାଇଲେ ନାହିଁ । କାରଣ ସେମାନେ ଦେଖିଲେ ଏହି ଶୃଖ୍ଳାପତ୍ର ମଣିଷଠାରୁ ଆରମ୍ଭ କରି ପଶୁପକ୍ଷୀ,କୀଟପତଙ୍ଗ ସମସ୍ତଙ୍କର ଦରକାରରେ ଲାଗୁଛି ।ତେଣୁ ସେ ଦୁହେଁ ଶୂନ୍ୟ ହସ୍ତରେ ଗୁରୁଙ୍କ ପାଖକୁ ଫେରିଯାଇ କହିଲେ, ''ଗୁରୁଦେବ,ଆପଣଙ୍କ କହିବା ଅନୁସାରେ ଆମେ ବହୁ ସ୍ଥାନକୁ ଗଲୁ,ବହୁ ସ୍ଥାନରେ ଶୃଖ୍ଳାପତ୍ର ପଡ଼ିଥିବାର ଦେଖିଲୁ କିନ୍ତୁ ଏଭଳି ଗୋଟିଏ ସ୍ଥାନ ପାଇଲୁ ନାହିଁ ଯେଉଁଠି ଶୃଖ୍ଳାପତ୍ର କାହାରି ଦରକାରରେ ନ ଆସୁଛି । ତେଣୁ ଆମେ ଶୂନ୍ୟ ହସ୍ତରେ ଫେରି ଆସିବାକୁ ବାଧ୍ୟ ହେଲୁ । ଆପଣଙ୍କୁ ଆପଣଙ୍କ ମନ ପସନ୍ଦର ଦକ୍ଷିଣା ଦେଇ ନ ପାରି ଆମେ ଲଜ୍ଜିତ । ଶୃଖ୍ଳାପତ୍ର କେତୋଟି ଆପଣ ଦକ୍ଷିଣା ଭାବରେ ମାଗିଥିବାରୁ ଆପଣଙ୍କ କଥାକୁ ଆମେ ପରିହାସ ମଣିଥିଲୁ । କିନ୍ତୁ ସେହି ଶୃଖ୍ଳାପତ୍ର ଯେ କେତେ ଦରକାରୀ ସେ କଥାକୁ ଆମେ ଏବେ ଅନୁଭବ କରିପାରୁଛୁ ।''

ODM PUBLIC SCHOOL

# ଶବ୍ଦାର୍ଥ

ଶୂନ୍ୟହସ୍ତ –ଖାଲି ହାତ
ଲଜ୍ଜିତ –ଅନୁତାପ କରିବା
ପରିହାସ –ଥଟ୍ଟା
ଅନୁଭବ –ଜାଣିପାରିବା

ODM PUBLIC SCHOOL

# ଶୃଙ୍ଖଳା ପତ୍ରର କଥା

ଶିଷ୍ୟ ଦୁହିଁଙ୍କୁ ଗୁରୁଦେବ ଆନନ୍ଦରେ କୁଣ୍ଢାଇ ପକାଇଲେ । ତା'ପରେ ସ୍ନେହରେ ସେମାନଙ୍କ ପିଠି ଥାପୁଡାଇ କହିଲେ,''ତୁମେ ଦୁହେଁ ମୋର ନିଷ୍ଠାବାନ ପ୍ରିୟ ଶିଷ୍ୟ । ଦକ୍ଷିଣା ଦେଇ ପାରିଲନି ବୋଲି ମନଦୁଃଖ କରନା,ସେଥିପାଇଁ ଆଦୌ ବ୍ୟସ୍ତ ହୁଅନା । ତୁମେ ଆଜି ଯେଉଁ ଜ୍ଞାନ ଲାଭ କଲ,ତାହା ହେଉଛି ମୋର ପ୍ରକୃତ ଗୁରୁଦକ୍ଷିଣା । ତୁମେ ଏବେ ଜାଣିଲ,ଭଗବାନଙ୍କ ସୃଷ୍ଟିରେ ସାମାନ୍ୟ ଶୃଙ୍ଖଳାପତ୍ରଟାଏ ମଧ୍ୟ କେତେ ଦରକାରରେ ଆସୁଛି,କେତେ ଜୀବଙ୍କର ଉପକାର କରୁଛି । ତୁମେ ମଣିଷ ଜନ୍ମ ପାଇଛ । ସୃଷ୍ଟିର ମଙ୍ଗଳ କରିବା ପାଇଁ ତୁମେ କାର୍ଯ୍ୟ କରିଯାଅ । ମଣିଷ ଜନ୍ମ କେବଳ ଅନ୍ୟର ଉପକାର କରିବା ପାଇଁ ଉଦ୍ଦିଷ୍ଟ । ଏକଥା ଯେପରି ନ ଭୁଲ । ଦୁଃଖ କଷ୍ଟରେ ପଡିଥିବା ଲୋକଙ୍କୁ ସାହାଯ୍ୟ କରିବାର ସୁଯୋଗ ମିଳିଲେ ତାକୁ କେବେ ହାତ ଛଡା କରିବ ନାହିଁ । ରୋଗୀ,ଦରିଦ୍ର ଓ ବୃଦ୍ଧ ଲୋକଙ୍କୁ ସାହାଯ୍ୟ କରିବା ଲାଗି ସର୍ବଦା ପ୍ରସ୍ତୁତ ରହିଥିବ । ସୃଷ୍ଟିର ମଙ୍ଗଳ ପାଇଁ ତୁମେ କାର୍ଯ୍ୟ କରିଗଲେ ସେହି ହେବ ମୋର ଶ୍ରେଷ୍ଠ ଗୁରୁଦକ୍ଷିଣା । ଶିଷ୍ୟ ଦୁହେଁ ଗୁରୁଙ୍କ ପାଦଧୂଳି ମୁଣ୍ଡରେ ମାରି ହସି ହସି ତାଙ୍କ ପାଖରୁ ବିଦାୟ ନେଲେ ।

ODM
PUBLIC SCHOOL

# ଶବ୍ଦାର୍ଥ

ନିଷ୍ଠାବାନ – ଦୃଢଭକ୍ତି
ବ୍ୟସ୍ତ –ବ୍ୟାକୁଳ
ପ୍ରକୃତ –ଯଥାର୍ଥ
ଉଦ୍ଦିଷ୍ଟ – ଅଭିପ୍ରେତ,ଉଲ୍ଲିଖିତ
ମଙ୍ଗଳ –ହିତ
ସର୍ବଦା –ସବୁବେଳେ
ବିଦାୟ –ମେଲାଣି

ODM PUBLIC SCHOOL

# ଗୃହକର୍ମ

କଷ୍ଟଶବ୍ଦ ଗୁଡିକୁ ଖାତାରେ ଲେଖ ଓ ବାକ୍ୟଗଢ।

ODM PUBLIC SCHOOL

# LEARNING OUTCOME:

ଶିଶିର ଓ ତୁଷାର ଙ୍କୁ ଗୁରୁଙ୍କ ମାର୍ଗଦର୍ଶନ

# THANKING YOU

# ODM EDUCATIONAL GROUP